ସୂର୍ଯ୍ୟପ୍ରଭା
SURYAPRAVA

22nd June, 2020

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



॥ ପ୍ରଭାନ୍ୟୁଜ୍ ॥ ପାରାଦୀପ, ୨୧।୬ :
ପିପିଏଲସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅନ୍‌ଲାଇନ ଯୋଗେ ଆନ୍ତର୍ଜାତିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ପିପିଏଲ ସାର କାରଖାନାର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ପିପିଏଲ ଲେଡିଜ କ୍ଲବର ସଭାନେତ୍ରୀ ଶ୍ରୀମତୀ ଜ୍ୟୋତି ଖୁଣ୍ଟିଆ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଯୋଗ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ । ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର ଏହି ଅନ୍‌ଲାଇନ୍ ଯୋଗ ଶିବିରରେ ଆୟୁଷଦ୍ୱାରା ପ୍ରଦତ୍ତ ନିୟମାନୁଯାୟୀ ପତଞ୍ଜଳୀ ଯୋଗଗୁରୁ ଆର୍ତତ୍ରାଣ ସାହୁ ବିଦ୍ୟାଳୟର ଅନ୍ୟୁନ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ । କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ଓ ଶ୍ରୀମତୀ ଧରିତ୍ରୀ ମିଶ୍ରଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଏହି ଯୋଗ ଶିବିରକୁ ସୁପରିଚାଳନା କରିଥିଲେ । କୋଭିଡ-୧୯ ନିୟମ ପାଳନ ପୂର୍ବକ ଯୋଗ ଶିବିର ଆୟୋଜନ କରିଥିବା ଡିଏଭି ପବ୍ଲିକ ସ୍କୁଲ, ପିପିଏଲର ଅଧ୍ୟକ୍ଷ ସଞ୍ଜୀବ କୁମାର ମିଶ୍ରଙ୍କୁ ଅଭିଭାବକ ତଥା ସାଧାରଣରେ ଉଚ୍ଚପ୍ରଶଂସା କରାଯାଇଛି । ଶିବିର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବୃନ୍ଦାବନ ରାଉତ ଓ ଶ୍ରୀମତୀ ରାଜଶ୍ରୀ ମହାପାତ୍ର ।

**କେନ୍ଦ୍ରାପଡା :** କେନ୍ଦ୍ରାପଡା ସଦର ମହକୁମା ସରକାରୀ ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ ଯୋଗ ଶିବିର ପାଳିତ ହୋଇଯାଇଛି । କେନ୍ଦ୍ରାପଡା ୟୁଥ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ



କରୋନା କଟକଣା ଓ ସାମାଜିକ ଦୂରତା ରକ୍ଷା କରି ଏହାକୁ ପାଳନ କରାଯାଇଥିଲା । ଏଥିରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । କୋଚ୍ ସେକ୍ ସୌକତ ଅଲ୍ଲୀ, ସେକ୍



ଆବାସ୍ ପ୍ରମୁଖ ସୂଚନା ଦେଇଛନ୍ତି ।

**ରାଜନଗର :** ସମଗ୍ର ବିଶ୍ୱ ଆଜି ବିଶ୍ୱ ଯୋଗ ଦିବସ ପାଳନ କରୁଛି । ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର କର୍ମକର୍ତ୍ତା କରୋନା ମହାମାରୀ ପାଇଁ ସାମାଜିକ ଦୂରତା ରକ୍ଷାକରି ଯୋଗ କରିଥିଲେ । ବିଭିନ୍ନ ଆସନ ପ୍ରାଣାୟାମ କରିଥିଲେ । ଏହି ବ୍ଲକ ମଙ୍ଗରାଜପୁର ସତ୍ୟସନ୍ଧାନୀ ଯୁବକ ସଙ୍ଘର କର୍ମକର୍ତ୍ତାମାନେ ବିଶ୍ୱ ଯୋଗ ଦିବସ ଅବସରରେ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ସମ୍ମୁଖରେ ଯୋଗାସନ କରିଥିଲେ । ପ୍ରଶାନ୍ତ କୁମାର ରାଉତଙ୍କ ସହ ବିଭୁତିଭୂଷଣ ରାଉତ ଓ ଅନ୍ୟ ସଦସ୍ୟମାନେ ବିଭିନ୍ନ ଆସନ ଅଭ୍ୟାସ କରିଥିଲେ ।

**ଜଟଣୀ :** ଜଟଣୀସ୍ଥ ଆଇଆଇଟି କେନ୍ଦ୍ରଠାରେ ବିଗତ ତିନିଦିନ ଧରି ଚାଲିଥିବା ଯୋଗ ଶିବିର ରବିବାର ଦିନ ଷଷ୍ଠତମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମାପନ ହୋଇଛି । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ଭି ରାଜକୁମାରଙ୍କ ସଂଯୋଜନାରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଆଇଟିର ଶିକ୍ଷକ ତଥା ବିଶିଷ୍ଟ ଲେଖକ ଆରୁଲ ଦେବ୍ ଯୋଗଦେଇ ଯୋଗର ବିଭିନ୍ନ ଆସନ ବାବଦରେ ଧାରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ସଙ୍କର୍ଷଣ ମହାପାତ୍ର, ରେଜିଷ୍ଟ୍ରାର ସୁବୋଧ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଡ ଶ୍ରୀକାନ୍ତ ଗୋଲପୁଡି ଓ ଡ. ବଙ୍କିମ ଚନ୍ଦ୍ର ମଣ୍ଡଳ ପରିଚାଳନା କରିଥିଲେ ।





## ସଟ୍‌ଡାଉନ୍ ଯୋଗୁ ଫିକା ପଡ଼ିଲା ଯୋଗ ଦିବସ

**ବାଲୁଗାଁ :** ସମ୍ପ୍ରତି କରୋନା ମହାମାରୀ ଯୋଗୁଁ କେନ୍ଦ୍ର ରାଜ୍ୟ ସରକାର ଲକ୍‌ଡ଼ାଉନ୍ ଘୋଷଣା କରିଛନ୍ତି । ଲକ୍‌ଡ଼ାଉନ୍ ଯୋଗୁଁ ମାର୍ଚ୍ଚ ୨୦ ତାରିକଠାରୁ ସମସ୍ତ ଜାତୀୟ ଦିବସ ପାଳିତ ହୋଇପାରୁନାହିଁ । ସ୍କୁଲ କଲେଜ ସବୁ ଲକ୍‌ଡ଼ାଉନ୍ ଯୋଗୁଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଯାହାଫଳରେ ଜାତୀୟ ଦିବସ ପାଳିତ ହୋଇପାରୁନାହିଁ । ରବିବାର ଯୋଗଦିବସ ହୋଇଥିବାରୁ ଛୁଟି ଯୋଗୁ ବିଦ୍ୟାଳୟ ଓ କଲେଜ ବନ୍ଦ ଯୋଗୁଁ ଯୋଗ ଦିବସ ପାଳିତ ହୋଇପାରିନାହିଁ ।